# ଆଇଏଏସ୍ ପାହ୍ୟାକୁ ପଦୋନ୍ନତି ପାଇଲେ ତ୍ରିଲୋଚନ ପ୍ରଧାନ



ମାହାଙ୍ଗା, ୨୨।୧ (ଇମିସ): ଓଏଏସ୍ ଅଧିକାରୀ ତ୍ରିଲୋଚନ ପ୍ରଧାନ ଆଇଏଏସ୍ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ଏହା ଜଣାପଡ଼ିବା ପରେ ମାହାଙ୍ଗା ଅଞ୍ଚଳରେ ଆନନ୍ଦର ବାତାବରଣ ସୃଷ୍ଟି ହୋଇଛି। ମାହାଙ୍ଗା ଥାନା ଗୋତରା ପଞ୍ଚାୟତ ଅନ୍ତର୍ଗତ ଆପିଲୋ ଗ୍ରାମର ଶ୍ରୀ ପ୍ରଧାନ ଝାଡ଼େଶ୍ୱରପୁର ଉଚ୍ଚବିଦ୍ୟାଳୟରୁ ୧୯୮୧ ମସିହାରେ ମାଟ୍ରିକ୍ ପାସ୍ କରି ସାଲେପୁର ମହାବିଦ୍ୟାଳୟରୁ ବିଜ୍ଞାନରେ +୨ ଓ +୩ ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ସେ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ହାସଲ କରି ଓଡ଼ିଶା ପ୍ରଶାସନିକ ସେବାରେ ନିଯୁକ୍ତ ହୋଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ସଫଳତାର ସହ କାର୍ଯ୍ୟ କରି ସେ ବର୍ତ୍ତମାନ ଲୋକପାଳ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ହୋଇଥିଲେ। ଗତକାଲି ତାଙ୍କୁ କେନ୍ଦ୍ର ସରକାରଙ୍କ କାର୍ମିକ ବିଭାଗ ପକ୍ଷରୁ ଆଇଏଏସ୍ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ଏହି ପଦରେ ଆସିନ ହେବା ପରେ ତାଙ୍କୁ ମାହାଙ୍ଗାର ବିଭିନ୍ନ ମହଲରୁ ସ୍ୱାଗତ ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।